


# ଶ୍ରୀମନ୍ଦିର ସମାଚାର

## SHREE JAGANNATH TEMPLE BULLETIN

ମଇ-୨୦୨୧ MAY - 2021


# ଶ୍ରୀମନ୍ଦିରରେ ରୁକ୍ମିଣୀହରଣ ଓ ବିବାହ ନୀତି

ମହାରାଜ ଭୀଷ୍ମକ ବିଦର୍ଭ ଦେଶର ଅଧିପତି ଥିଲେ । ତାଙ୍କର ପାଞ୍ଚପୁତ୍ର ଏବଂ ଗୋଟିଏ କନ୍ୟା ଥିଲା । ଜ୍ୟେଷ୍ଠ ପୁତ୍ର ଥିଲେ ରୁକ୍ମୀ ଯେ କି ଶ୍ରୀକୃଷ୍ଣଙ୍କ ପ୍ରତି ଦ୍ୱେଷ ଭାବନା ରଖୁଥିଲେ । ଏକମାତ୍ର କନ୍ୟା ରୁକ୍ମିଣୀ ଦେବୀ ଲକ୍ଷ୍ମୀଙ୍କ ଅଂଶରେ ଆବିର୍ଭୂତା, ଅନିନ୍ଦ୍ୟ ସୁନ୍ଦରୀ ଏବଂ ପରମ ଗୁଣବତୀ ଥିଲେ । ସେ ଭଗବାନ ଶ୍ରୀକୃଷ୍ଣଙ୍କ ଐଶ୍ୱର୍ଯ୍ୟ ଏବଂ ଦିବ୍ୟତ୍ୱ ବିଷୟରେ ଜ୍ଞାତ ହୋଇ ତାଙ୍କୁ ଅନୁରୂପ ପତିରୂପେ ଚିନ୍ତା କରି ତାଙ୍କଠାରେ ମନ ପ୍ରାଣ ସମର୍ପିତ କରିଥିଲେ । ଭଗବାନ ଶ୍ରୀକୃଷ୍ଣ ମଧ୍ୟ ରୁକ୍ମିଣୀଙ୍କ ଅପୂର୍ବ ସୌନ୍ଦର୍ଯ୍ୟ, ଶୀଳ ସ୍ୱଭାବ ଯୋଗୁଁ ତାଙ୍କୁ ଭଲ ପାଉଥିଲେ । ଭ୍ରାତା ରୁକ୍ମୀ ନିଜ ଭଗିନୀର ଯୋଗ୍ୟ ବର ରୂପେ ଚେଦି ରାଜ ଶିଶୁପାଳଙ୍କୁ ଠିକ କରି ତା' ସହ ବିବାହର ବ୍ୟବସ୍ଥା କରିଥିଲା । ଏକଥା ଜାଣି ରୁକ୍ମିଣୀ ଅତ୍ୟନ୍ତ ବ୍ୟସ୍ତ ହୋଇ ଜଣେ ବିଶ୍ୱସ୍ତ ବ୍ରାହ୍ମଣଙ୍କ ହାତରେ ଦ୍ୱାରକାଧିପତି ଶ୍ରୀକୃଷ୍ଣଙ୍କ ନିକଟକୁ ଗୋପନୀୟ ସନ୍ଦେଶ ପ୍ରେରଣ କଲେ । ଉକ୍ତ ସନ୍ଦେଶରେ ଶ୍ରୀକୃଷ୍ଣଙ୍କୁ ପତି ରୂପେ ବରଣ କରି ନିଜର ଅନ୍ତରର ନିବିଡ଼ ପ୍ରେମ ନିବେଦନ କରିଥିଲେ । ଶ୍ରୀକୃଷ୍ଣଙ୍କୁ ନପାଇଲେ ପ୍ରାଣ ବିସର୍ଜନ କରିବାର ସୂଚନା ଦେଇଥିଲେ । ପୁନଃ ବିବାହର ପୂର୍ବ ଦିନ କୁଣ୍ଡିନ ପୁରସ୍ଥ କୁଳ ଦେବୀ ଅମ୍ବିକାଙ୍କ ମନ୍ଦିରକୁ ଦର୍ଶନ ଏବଂ ପୂଜନ କରିବାକୁ ଯିବା ଅବସରରେ ତାଙ୍କୁ ଅପହରଣ କରି ପାଣିଗ୍ରହଣ କରିବା ନିମିତ୍ତ ବିନୀତ ପ୍ରାର୍ଥନା କରିଥିଲେ ।



ଭଗବାନ ଶ୍ରୀକୃଷ୍ଣ ରୁକ୍ମିଣୀଙ୍କ ପ୍ରାର୍ଥନା ଅନୁସାରେ ଦେବୀଙ୍କ ମନ୍ଦିର ନିକଟରୁ ବଳପୂର୍ବକ ରୁକ୍ମିଣୀଙ୍କୁ ନିଜ ରଥରେ ଉଠାଇ ନେଇଥିଲେ । ଶିଶୁପାଳ ନିଜର ଭାବୀ ପତ୍ନୀର ଅପହରଣ ଦେଖି ନିଜର ମିତ୍ର ରାଜାମାନଙ୍କ ସହ ଶ୍ରୀକୃଷ୍ଣଙ୍କର ନିଷ୍ଫଳ ପ୍ରତିରୋଧ କରି ବନ୍ଦୀ ହେଲା । ରୁକ୍ମୀ ମଧ୍ୟ ଶ୍ରୀକୃଷ୍ଣଙ୍କୁ ଆକ୍ରମଣ କରି ଦଣ୍ଡ ପାଇଥିଲା ।

ଶ୍ରୀକୃଷ୍ଣଙ୍କ ଜ୍ୟେଷ୍ଠ ଭ୍ରାତା ବଳରାମ ଯାଇ ଶିଶୁପାଳଙ୍କୁ ମୁକ୍ତ କରିଥିଲେ । ରୁକ୍ମିଣୀଙ୍କୁ ଦ୍ୱାରକାକୁ ନେଇ ଶ୍ରୀକୃଷ୍ଣ ବିଧିପୂର୍ବକ ପାଣିଗ୍ରହଣ କରିଥିଲେ ।

ଶ୍ରୀମନ୍ଦିରରେ ଜ୍ୟେଷ୍ଠ ଶୁକ୍ଳ ଏକାଦଶୀରେ ରୁକ୍ମିଣୀ ହରଣ ଏବଂ ବିବାହ ଉତ୍ସବ ଅନୁଷ୍ଠିତ ହୁଏ । ସକାଳ ଧୂପ ପୂଜା ବସିଥିବା ସମୟରେ ଦକ୍ଷିଣି ଘରେ ଶ୍ରୀମଦନମୋହନଙ୍କୁ ବେଶ କରାଯାଏ । ସକାଳ ଧୂପ ଶେଷ ହେବା ପରେ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ପ୍ରାପ୍ତ ହୋଇ ଶ୍ରୀଦେବୀ ପାଲିଙ୍କିରେ ବିଜେ କରି ମହାଲକ୍ଷ୍ମୀଙ୍କ ଜଗମୋହନରେ ମାଜଣା, ବନକ ଲାଗି ଏବଂ ଅଳଂକାର ଲାଗି ହୁଅନ୍ତି । ଉକ୍ତ ତିଥିରେ ଶ୍ରୀଦେବୀ ରୁକ୍ମିଣୀଙ୍କ ଭୂମିକା ନିର୍ବାହ କରନ୍ତି । ଇତ୍ୟବସରେ ତଢ଼ାଉ କରଣ ତାଳପତ୍ର ଏବଂ ଲେଖନୀ ନେଇ ଉପସ୍ଥିତ ହୁଅନ୍ତି । ଭିତରଚ୍ଛ ତାଳପତ୍ର ଏବଂ ଲେଖନୀ ଶ୍ରୀଦେବୀଙ୍କ ଶ୍ରୀହସ୍ତ ସ୍ପର୍ଶ କରାଇବା ପରେ ତଢ଼ାଉ କରଣ ଚିଟାଉ ଲେଖନ୍ତି, ଚିଟାଉରେ ଶ୍ରୀହସ୍ତ ମୁଦ୍ର ବରାଇବା ପରେ ବିପ୍ର ବ୍ରାହ୍ମଣ ରୂପୀ ଜନୈକ ସେବକ ଜୟ ବିଜୟ ଦ୍ୱାର ନିକଟକୁ ଘଣ୍ଟ ଛତ୍ର କାହାଳୀ ସହ ଯାଇଥାନ୍ତି । ସେଠାରେ ଶ୍ରୀମଦନମୋହନ ଆଜ୍ଞାମାଳ ପାଇ ବିଜେ ହୋଇଥାନ୍ତି । ମଦନମୋହନଙ୍କ ନିକଟରେ ବଚନିକା ପରେ ତାଙ୍କୁ ସାତପାହାଚ ଦ୍ୱାରସ୍ଥିତ ରଥ ଉପରେ ବିରାଜମାନ କରି ଦେବୀ ବିମଳାଙ୍କ ମନ୍ଦିର ନିକଟକୁ ଯାଇଥାନ୍ତି । ଇତି ମଧ୍ୟରେ ଶ୍ରୀଦେବୀ ମହାଲକ୍ଷ୍ମୀଙ୍କ ମନ୍ଦିରରୁ ବିମଳାଙ୍କ ମନ୍ଦିରକୁ ବିଜେ କରିଥାନ୍ତି । ଦେବୀ ବିମଳାଙ୍କ ପୂଜା ପରେ ତାଙ୍କ ଆଜ୍ଞାମାଳ ପ୍ରାପ୍ତ ହୋଇ ମନ୍ଦିର ବାହାରକୁ ଆସିବା ପରେ ଶ୍ରୀମଦନମୋହନ ଶ୍ରୀଦେବୀଙ୍କୁ ହରଣ କରିଥାନ୍ତି । ଭିତରଚ୍ଛ ମହାପାତ୍ରଙ୍କ ଦ୍ୱାରା ଉକ୍ତ ବିଧି ସମ୍ପନ୍ନ ହୁଏ । ତତ୍ପରେ ଶ୍ରୀମଦନମୋହନ ଦେବୀ ସରସ୍ୱତୀଙ୍କ ମନ୍ଦିର ନିକଟରେ ବିରୋଧୀ ରାଜାମାନଙ୍କୁ ପରାସ୍ତ ପୂର୍ବକ ଶିଶୁପାଳଙ୍କୁ ପରାଜିତ କରି ରଥରେ ବାନ୍ଧି ଦିଅନ୍ତି, ସେହି ସମୟରେ ଦକ୍ଷିଣି ଘରକୁ ଶ୍ରୀବଳରାମ ବିମାନରେ ବିଜେ ହୋଇ ଶିଶୁପାଳଙ୍କୁ ମୁକ୍ତ କଲାପରେ ଦକ୍ଷିଣି ଘରୁ ବାହୁଡ଼ା ବିଜେ କରନ୍ତି । ଶ୍ରୀଦେବୀ ଏବଂ ଶ୍ରୀମଦନମୋହନଙ୍କୁ ପନ୍ତି ଭୋଗ ପୂର୍ବକ ବିବାହ ମଣ୍ଡପରେ ବିଜେ କରାଇ ଚନ୍ଦନ ଲାଗି ନୀତି ହୁଏ । ରତ୍ନସିଂହାସନ ତଳେ ଗମ୍ଭୀରାରେ ସନ୍ଧ୍ୟାଧୂପ ପୂଜା ବସିବା ସମୟରେ ବିବାହ ମଣ୍ଡପରେ ପୂଜାପଣ୍ଡା ସେବକମାନଙ୍କ ଦ୍ୱାରା ବିବାହ ନୀତି ସମ୍ପନ୍ନ ହୁଏ । ତତ୍ପରେ ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତିମାନ ଯଥାବିଧି ଅନୁଷ୍ଠିତ ହୋଇଥାଏ ।


● *ଡକ୍ଟର ଶ୍ରୀନିବାସ ଆଚାର୍ଯ୍ୟ- ମିଶ୍ର ଲେନ୍, ମାର୍କଣ୍ଡେଶ୍ୱର ସାହି, ପୁରୀ*


# ଶ୍ରୀମନ୍ଦିର ନୀତି ପରିକ୍ରମା

**ଶ୍ରୀମନ୍ଦିରରେ ଅକ୍ଷୟତୃତୀୟା ଓ ଚନ୍ଦନ ଯାତ୍ରା ଆରମ୍ଭ :**

ତା.୧୫.୦୫.୨୧ରିଖ ଶନିବାର ଦିନ ଅକ୍ଷୟ ତୃତୀୟା ଅବସରରେ ପ୍ରତିଦିନ ପରି ସକାଳ ଧୂପ ସମାପନ ପରେ ମୈଲମ୍ ହୋଇ ଯାତ୍ରାଙ୍ଗୀ ମହାସ୍ନାନ ହୋଇଥିଲା । ମହାସ୍ନାନ ବଢ଼ିବା ପରେ ପୂର୍ବ ରାତ୍ରରୁ ଅଧିବାସ ହୋଇ ଭୋଗମଣ୍ଡପ ଘରେ ରହିଥିବା ଚନ୍ଦନକୁ ପୂଜାପଣ୍ଡା, ପତିମହାପାତ୍ର,



ମୁଦିରସ୍ତ ଏବଂ ତିନି ଜଣ ପାଳିଆ ପୁଷ୍ପାଳକ ହାତରେ ଧରି ତଳିଛ ଓ ପ୍ରଧାନୀ ହାତପୈଠ ସହ ଘଣ୍ଟ, ଛତା, କାହାଳୀ ପଟୁଆରରେ ୩ ବେଢ଼ା କରି ସିଂହାସନକୁ ବିଜେ କରାଇଥିଲେ । ଏହାପରେ ପାଣିପଡ଼ି ଖଇକୋରା ଭୋଗ ମେକାପ ସରଘରୁ ଆସିଲା ପରେ ତିନି ଜଣ ପାଳିଆ ପୂଜାପଣ୍ଡା ମଣୋହି କରାଇଥିଲେ । ଭୋଗ ସରିଲାପରେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ଏବଂ ତିନି ଜଣ ପାଳିଆ ପୁଷ୍ପାଳକ ସିଂହାସନକୁ ଯାଇ ସର୍ବାଙ୍ଗ ଚନ୍ଦନ ଲାଗି କରିଥିଲେ । ଏହାପରେ ସୁନାଗୋସେଇଁ ଦେଇଥିବା ଅଳକା, ଚଉସରା ଲାଗି ହୋଇ ଚୂଳ ଏବଂ ୬ ମୂର୍ତ୍ତି ଅଳଙ୍କାର ଲାଗି ହେବାପରେ ବେଶ ବଢ଼ିଥିଲା । ପରେ ପାଣିପଡ଼ି ଘଣ୍ଟଛତା, କାହାଳୀ ପଟୁଆରରେ ମଧ୍ୟାହ୍ନ ଧୂପ ଛାମୁକୁ ଆସିବାରେ ଦକ୍ଷିଣଘରୁ ରାମକୃଷ୍ଣ ଓ ମଦନମୋହନ ରତ୍ନସିଂହାସନକୁ ବିଜେ କରିବା ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ । ଏହା ପରେ ତିନିଜଣ ପାଳିଆ ପୂଜାପଣ୍ଡା ଆସି ଷୋଡ଼ଶ ଉପଚାରରେ ମଣୋହି କରାଇଥିଲେ । ପରେ ପାଣିପଡ଼ି ବନ୍ଦାପନା ନୀତି ବଢ଼ିଥିଲା ଏବଂ



ଚନ୍ଦନଯାତ୍ରାକୁ ବିଜେ କରିବାକୁ ଥିବା ରାମକୃଷ୍ଣ, ମଦନମୋହନ, ଭୂଦେବୀ, ଶ୍ରୀଦେବୀଙ୍କୁ ଆଜ୍ଞାମାଳ ପ୍ରଦାନ ପରେ ଠାକୁରମାନେ ବିମାନକୁ ବିଜେ ହୋଇଥିଲେ । ବିମାନ ଉଠିବା ସହିତ ତିନି ଜଣ ପାଳିଆ ପୂଜାପଣ୍ଡା ତିନି ବାଡ଼ରୁ ଆଣିଥିବା ୩ଗୋଟି ଆଜ୍ଞାମାଳ ଆଗରେ ନେଇ ରଥ ଅନୁକୂଳକୁ ବାହାରିଥିଲେ । ଦିଅଁମାନେ ଶ୍ରୀନଅର ସମ୍ମୁଖରେ ରଥଖଳାରେ ପହଞ୍ଚିଥିଲେ । ପୂର୍ବରୁ ଦେଉଳ ପୁରୋହିତଙ୍କ ଦ୍ୱାରା ରଥ ଅନୁକୂଳ ହୋମ ସମାପନ ହୋଇଥିଲା । ଏହାପରେ ରଥ ଅନୁକୂଳ ପାଇଁ ଆଜ୍ଞାମାଳ ଦେଇ ପୂଜାପଣ୍ଡାମାନେ ଫେରିଥିଲେ ।

ଚନ୍ଦନ ଚକଡ଼ାରେ ଦିଅଁ ପହଞ୍ଚିବା ପରେ ଭିତରଛ ମହାପାତ୍ରଙ୍କ ଦ୍ୱାରା ଜଳ ଲାଗି ନୀତି ବଢ଼ିଥିଲା । ଦିଅଁମାନେ ଚାପକୁ ବିଜେ କରିଥିଲେ । ସୂଚନାଯୋଗ୍ୟ ଯେ ବଡ଼ ଚାପରେ ରାମକୃଷ୍ଣ ଦୁଇଦେବ, ପଞ୍ଚୁପାଣ୍ଡବ ଏବଂ ମଦନମୋହନ, ଶ୍ରୀଦେବୀ, ଭୂଦେବୀ ପଛ ଚାପରେ ବିଜେ ହୁଅନ୍ତି । ଚାପରେ ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ହଡ଼ପ ନାଏକ ଦଶାବତାର ପଟି କାନ୍ଧରେ ପକାଇ ବିଡ଼ିଆ ମଣୋହି କରାଇବା ପରେ ଦିନଚାପ ଆରମ୍ଭ ହୋଇଥିଲା । ଚାପ ସରିଲାପରେ ଦୁଇଚାପ ଏକତ୍ର ହୋଇ ରାମକୃଷ୍ଣ ଦେବ ପଛ ଚାପକୁ ବିଜେ ହୋଇ ବନ୍ଦାପନା ନୀତି ବଢ଼ିଲାପରେ ଜଗତି ଉପରକୁ ବିଜେ କରିଥିଲେ । ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ସୁବାସିତ ପୁଷ୍ପ, ଚନ୍ଦନ ପଡ଼ିଥିବା ଜଳକୁଣ୍ଡ ମଧ୍ୟରେ ଦିଅଁମାନେ ବିଜେ କରିଥିଲେ । କିଛି ସମୟ ପରେ ଜଳକୁଣ୍ଡରୁ ବାହାରି ଫୁଲ ବେଶ ହୋଇ ଶୀତଳଭୋଗ ପଞ୍ଚୋପଚାରରେ ପୂଜା ହୋଇ ଜଗତିକୁ ପୁନର୍ବାର ବିଜେ ହୋଇ ସେଠାରେ ପୂର୍ଣ୍ଣାଙ୍ଗ ବେଶ ବଢ଼ିଲାପରେ ଭିତରକୁ ବିଜେ ହୋଇଥିଲେ । ପାଣିପଡ଼ି ନରେନ୍ଦ୍ର ରୋଷରେ ପ୍ରସ୍ତୁତ ମାଣ୍ଡୁଅଭୋଗ ଛାମୁକୁ ଆସିବା ପରେ ଜଣେ ପୂଜାପଣ୍ଡାଙ୍କ ଦ୍ୱାରା ମଣୋହି ହୋଇ ରାତ୍ର ଚାପକୁ ଦିଅଁମାନେ ବିଜେ କରିଥିଲେ ।

ଶ୍ରୀମନ୍ଦିରକୁ ଦିଅଁ ଓ ଆଜ୍ଞାମାଳ ବିଜେ ପରେ ଭୋଗମଣ୍ଡପ ସମାପନ ହୋଇଥିଲା । ସଂଧ୍ୟା ଆଳତି, ସଂଧ୍ୟାଧୂପ ବଢ଼ିଲା ପରେ ଜଗମୋହନର ସମସ୍ତ ଦ୍ୱାର ବନ୍ଦ ହୋଇ ଶୋଧ ହେବା ସହିତ ଅନ୍ଧକାର କରାଯାଇଥିଲା ଏବଂ ମଇଲମ ପରେ ଆଳଟ ଲାଗି ନୀତି ହୋଇଥିଲା । ଆଳଟ ଲାଗି ବଢ଼ିଲା ପରେ ପଣା ଭୋଗ ଅନୁଷ୍ଠିତ ହୋଇଥିଲା । ଏହି ସମୟରେ ଚନ୍ଦନରୁ ଦିଅଁମାନେ ବାହୁଡ଼ା ବିଜେ କରି ଆସିଥିଲେ ଏବଂ ଅନ୍ୟାନ୍ୟ ନୀତିମାନ ଅନୁଷ୍ଠିତ ହୋଇଥିଲା ।

**ଶ୍ରୀମନ୍ଦିରରେ ନୀଳାଦ୍ରିମହୋଦୟାଷ୍ଟମୀ :**

ତା.୨୦.୦୫.୨୧ରିଖ ଗୁରୁବାର ଦିନ ନୀଳାଦ୍ରିମହୋଦୟାଷ୍ଟମୀ ଉପଲକ୍ଷେ ବିଶେଷ ନୀତିମାନ ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଥିଲା ।

ଉକ୍ତ ଦିନ ସକାଳଧୂପ ସରିଲାପରେ ମୈଲମ ହୋଇ ଆଳଟ ଲାଗି ହୋଇଥିଲା । ଆଳଟ ଲାଗି ବଢ଼ିଲା ପରେ ପୂର୍ବ ଦିନରୁ ଅଧିବାସ ହୋଇ ଭୋଗମଣ୍ଡପ ଘରେ ରହିଥିବା ୧୦୮ ଗରା ଜଳକୁ ଗରାବଡୁମାନେ ଘଣ୍ଟ ଛତା, କାହାଳୀ ପଟୁଆରରେ ଆଣି ଛାମୁରେ ଘରି ପନ୍ତିରେ ରଖିଥିଲେ । ଏହାପରେ ୩ ଜଣ ପାଳିଆ ପୂଜାପଣ୍ଡା ସଂସ୍କାର କରି ଜଳଲାଗି କରିବା ପରେ ଚନ୍ଦନ ଲାଗି ହୋଇଥିଲା । ବେଶ ହୋଇ ଘଣ୍ଟଛତା ମଧ୍ୟାହ୍ନ ଧୂପ ଓ ଯାତ୍ରାଙ୍ଗୀ ଭୋଗ ଛାମୁକୁ ଆସିବାରେ ଦକ୍ଷିଣ ଘରୁ ଦିଅଁମାନେ ସିଂହାସନକୁ ବିଜେ ହୋଇଥିଲେ । ଏହାପରେ ଭୋଗ ସରି ବନ୍ଦାପନା ବଢ଼ିଲା ପରେ ଆଜ୍ଞାମାଳ ପାଇ ଦିଅଁମାନେ ଚନ୍ଦନଯାତ୍ରାକୁ ବିଜେ ହୋଇଥିଲେ ।

**ଶ୍ରୀମନ୍ଦିରରେ ଶ୍ରୀନୃସିଂହ ଜନ୍ମ :**

ତା.୨୫.୦୫.୨୧ରିଖ ମଙ୍ଗଳବାର ଦିନ ଶ୍ରୀମନ୍ଦିରରେ ଯାତ ଭୋଗ ସରିଲା ପରେ ଦିଅଁମାନେ ଚନ୍ଦନକୁ ଯାଇ ସେଠାରେ ସମସ୍ତ ନୀତି ସାରି ବାହୁଡ଼ା ବିଜେ କରିଥିଲେ । ଦିଅଁମାନେ ଆସିବା ପରେ ଜଣେ ପୂଜାପଣ୍ଡା ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଏକଖଣ୍ଡ ଆଜ୍ଞାମାଳ ନେଇ ଦୋଳମଣ୍ଡପ ସାହି ଦେଇଚକ୍ରନାରାୟଣ ମନ୍ଦିରକୁ ଯାଇଥିଲେ । ପରେ ମୈଲମ ହୋଇ ଆଳତି ବଢ଼ି ସାରିବା ପରେ ମହାସ୍ନାନ, ସର୍ବାଙ୍ଗ ହୋଇ ନୂଆଲୁଗା ଲାଗି ସହିତ ୬ମୂର୍ତ୍ତି ଅଳଙ୍କାର ଲାଗି



ହୋଇ ବେଶ ବଢ଼ିଥିଲା । ବେଶ ବଢ଼ିଲା ପରେ ପାଣିପଡ଼ି ସଂଧ୍ୟାଧୂପ ଛେକ ଆସି ମଣୋହି ହୋଇଥିଲା । ସଂଧ୍ୟାଧୂପ ସରିଲାପରେ ଆଜ୍ଞାମାଳ ପାଇ ସିଂହାସନରୁ ମୁକ୍ତିମଣ୍ଡପକୁ ଶ୍ରୀନୃସିଂହଦେବ ବିଜେ କରିଥିଲେ । ସେଠାରେ ନୃସିଂହ ମନ୍ଦିରରେ ପତିମହାପାତ୍ର ଏବଂ ମଣ୍ଡପରେ ପୂଜାପଣ୍ଡା ଉଭୟ ନୃସିଂହଦେବଙ୍କ ଜନ୍ମନୀତି ସମାପନ କରିଥିଲେ । ବନ୍ଦାପନା ହୋଇ ଝୁଲଣ ମଣ୍ଡପ ତଳେ ଥିବା ବିମାନକୁ ନୃସିଂହ ଦେବ ବିଜେ ହୋଇ ଜଗନ୍ନାଥବଲ୍ଲଭକୁ ବିଜେ କରିଥିଲେ । ସେଠାରେ ଭୋଗ, ବନ୍ଦାପନା ହୋଇ ଶ୍ରୀନୃସିଂହଦେବ ମନ୍ଦିରକୁ ଫେରିଲା ପରେ ଅନ୍ୟାନ୍ୟ ନୀତିମାନ ଅନୁଷ୍ଠିତ ହୋଇଥିଲା ।

# ଅନବସର ମହାଭାବ



ଅନବସର ପଞ୍ଚଦଶ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଆର୍ଯ୍ୟାତ୍ମକ ଦ୍ରବ୍ୟ ପୂଜାରୁ ଅବସର ଗ୍ରହଣ କରିବା । ସ୍ନାନପୂର୍ଣ୍ଣିମା ଦିବସଠାରୁ ୧ପକ୍ଷ ଶ୍ରୀଜୀଉଙ୍କୁ ଶୁଦ୍ଧ ଶାବର ରୀତିରେ ଉପାସନା କରାଯାଇଥାଏ । ଏହି ଧର୍ମାତ୍ମକ ଦେଶ ଭାରତ-ବର୍ଷର କେବଳ ଏହି ମହାପୀଠରେ ଏହି ଶାବର ପୂଜା ଅନୁଷ୍ଠିତ ହୋଇଥାଏ ଓ ଯୁଗେ ଯୁଗେ ଏହି ପାବନ ପୁରୀ ଆର୍ଯ୍ୟ ଦ୍ରାବିଡ଼ ଉଭୟ ମୌଳିକ ଗୋଷ୍ଠିର ମତବାଦକୁ ଆଦର କରିଛି ।

ପୂଜା ମୌଳିକ ଭାବରେ ଦ୍ୱିବିଧ ନିର୍ଗୁଣାତ୍ମକ ଓ ସଗୁଣାତ୍ମକ । ନିର୍ଗୁଣାତ୍ମକ ପୂଜାରେ ତତ୍ତ୍ୱ ମସର ବିସ୍ତୃତ ତତ୍ତ୍ୱକୁ ସ୍ୱାନୁଭବରେ ଆଣିବା ଏବଂ ସଗୁଣାତ୍ମକ ପୂଜାରେ ଦେବ ବିଗ୍ରହକୁ ଦେହୀ ମନେ କରି ଭୋଗ୍ୟ ବସ୍ତୁକୁ ପ୍ରିୟ ଦ୍ୱାରା ଭୋଗ ହେବାର କଳ୍ପନାରେ ହୃଦୟାନନ୍ଦ ଅନୁଭବ କରିବା । ଏଥିରେ ମନ୍ତ୍ର, ବୀଜ, ଦ୍ରବ୍ୟର ପ୍ରୟୋଜନ ନଥାଏ । ସେହି ସ୍ଥାନରେ ଆତ୍ମୀୟ ଭାବରେ ପୂଜକ ବାସ୍ତବରେ ଦୟିତ ହୋଇପଡ଼େ । ଏଥିରେ ଭାବ ହିଁ ମୁଖ୍ୟ ।

ମନ୍ତ୍ରଂ ମୂଳଂ ଦ୍ରବ୍ୟ ମୂଳଂ ନାନା କ୍ରିୟାତ୍ମିକାଚ ନଃ
ଦ୍ରବ୍ୟ ପୂଜା ମତି ପ୍ରୋକ୍ତଂ ସାଧକାନ୍ ସିଦ୍ଧିଦାୟକଃ ॥
ମନ୍ତ୍ରହୀନ କ୍ରୀୟାହୀନ ଭାବ ମୂଳ ଯଦାର୍ଚ୍ଚନେ
ପରା ପୂଜେତିଜ୍ଞେୟାଚ ନିତ୍ୟାନନ୍ଦ ପ୍ରଦାଂଶୁଭମ୍ ॥

'ନିତ୍ୟାର୍ଚ୍ଚର କଳ୍ପେ'

ଯେଉଁ ଭାବରେ ରାଘବେନ୍ଦ୍ର ଅବତାରରେ ଶବରୀ ଠାରୁ ଉଚ୍ଛିଷ୍ଟ ଭୋଜନ କରି ତୃପ୍ତ ହୋଇଥିଲେ, ଯେଉଁଭାବରେ ଆଭୀର ତନୟାମାନଙ୍କର ସମର୍ପିତ ଦ୍ରବ୍ୟ ଭୋଜନ କରି ବ୍ରହ୍ମାଙ୍କର ଅହଂତ୍ୱ କ୍ଷୁନ୍ନ କରିଥିଲେ ସେହି ଭାବମୟ ଆତ୍ମ ଆମୀୟ ଭାବର ପୂଜା ହିଁ ଅଣସର ପୂଜା ଏଠାର ପୂଜକ ବର୍ଗ ଆତ୍ମୀୟ । ଆତ୍ମୀୟ ପ୍ରିୟର ସୁଖକୁ ହିଁ ସ୍ୱର୍ଗସୁଖ ମନେ କରେ ସେଠାରେ ନିୟମ ନାହିଁ ମନ୍ତ୍ର ନାହିଁ, ଯନ୍ତ୍ର ନାହିଁ କେବଳ ଭାବ । ଆଜି ଆତ୍ମୀୟ ସ୍ୱଜନଙ୍କର ଭାବରେ ଅଭାବ ଉପଲବ୍ଧି ହୋଇଥିଲେ ମଧ୍ୟ ଗୁପ୍ତ ପୂଜାର ଏହା ମୌଳିକ ତତ୍ତ୍ୱ ମା ପିଲାର ଦେହରୁ ଲୋମ ଜଟି କାଟି ଦେଲା ପରି ଦୟିତା ସେବକ ତୀକ୍ଷ୍ଣ ଶାସ୍ତ୍ରରେ ଜଟି କାଟିବାକୁ କୁଣ୍ଠିତ ହୁଅନ୍ତିନି ନଖ, ଲୋମାଦି କଳ୍ପନାରେ ଶରୀର ଲେପ ସଂସ୍କାର ବେଳେ ଅପରାଧ ମଣୁ ନାହିଁ, ବରଂ ଆନନ୍ଦିତ ହେଉଅଛି ଯେ ସେ ତାହାର ଆତ୍ମୀୟକୁ ଶିଶୁ ଠାରୁ ସରଳ ମନେ କରୁଛି । ଯେ ଜଗତ ପାଇଁ ସର୍ବୋତ୍ତମ ଶକ୍ତିମନ୍ତ ସେ ଦୟିତ ଭାବ ପାଖରେ ବାଧ ଶିଶୁ ଭକ୍ତାଧୀନ ମାଧବଙ୍କର ଏହି ଲୀଳା ହିଁ 'ଅଣବସର' ।

ଏହି ସେବାକୁ ଲକ୍ଷ୍ୟ କରି ଜଗନ୍ନାଥ ସର୍ବସ୍ୱ ଜଣେ ଭଜନକାର ଏହି ଭାବପୂର୍ଣ୍ଣ ଅନବସରର ବ୍ୟତିକ୍ରମକୁ ଧ୍ୟାନ ଦେଇ ପ୍ରଭୁଙ୍କର ବିରହରେ ଗାଇଛନ୍ତି ।

ଏକାଦଶ ଜ୍ୱର ପୁରୁଷ ଯାହାର ଅଙ୍ଗରୁ ହୋଇଛି ଜାତ,
ଦର୍ଶନ ବିହୁନେ ପନ୍ଦର ନୟନ କାତର ଏ ବିପରୀତ ।
ହେ ପ୍ରଭୁ; ଏକି ଲୀଳା ଲଗାଇଛ ବିଭୁ ହେ ପ୍ରଭୁ ।
କୋଶକରେ ଯାର ପାହାଡ଼ା ହଲିଲେ ହଲିଯାଏ ସିଂହାସନ ॥
ହଲାଇ ହଲାଇ ଶ୍ରୀଅଙ୍ଗକୁ ତିଳେ ବାଧୁ ନାହିଁ କି ମୋହନ ।
ହେ ଧୀର; ହଟ ନାଗର ହୃଦୟ ଚୋର ହେ ଧୀର ।
ଫୁଲ ଧଣ୍ଡା ଭାରା ଭାରି ହେବ ବୋଲି ଫୁଟା ପତନି ଗୁଡ଼ିଆ
ଆଜି ସେ ଅଙ୍ଗରେ ଖଣ୍ଡା ବାଜୁଅଛି ସହୁଅଛି କେଉଁ ହିଆ ।
ହେ ମାନୀ; ମାନୀ ମାନନ୍ଦ ପଣକୁ ଘେନି ହେ ମାନୀ ।
ବାଘ ମୁହାଁ ବନ୍ଧା ଘଣ୍ଟଛତା ଘେନାମଣୋହୀ ବିଜେ ଯାହାର
ଅନ୍ଧାର କଣରେ ଅକଟାଅବାଟ ଭୋଜନ ନୀତି ବେଭାର
ହେ ଛଳୀ' କାହିଁ ହଳୀଙ୍କର ଅଦାବଳି, ହେଛଳୀ ।
ଛତିଶା ନିଯୋଗ ଖଟଣି ଯାହାର ଛାଡ଼ି ରାଜଉପଚ୍ଚର
ଛାଡ଼ି ସକଳଙ୍କୁ ସହୁଅଛ ଆଜି ଜ୍ଞାତି କୁଟୁମ୍ବଙ୍କ ଦୂର
ହେ ହରି ॥ ପର କରିଦେଲ ନ ବିଚ୍ଚରି ହେ ହରି ।
ଶବରୀ ଅଇଁଠା ମନେ ପଡ଼ିଗଲା ଜାରାବଶୂଙ୍କ ପୀରତି
ଗୋପୀଜନ ମୁଖ ସୁଖ ମନାସିଲ ତେଜି ମନ୍ତ୍ର ଜ୍ଞାନରତି
ହେ ସାଇଁ ବୋଲାଉଛ ନାମ ଭାବଗ୍ରାହୀ ହେ ସାଇଁ ।
ଅଣସର ଲୀଳା ନିତ୍ୟ ଅଗୋଚର ଅଗମ୍ୟ ଚତୁରାନନେ
ଛାର କବି ତୁଣ୍ଡ ମୁଣ୍ଡ କି ଭାଜନ ଗୁପତ ଲୀଳା ବର୍ଣ୍ଣନେ
ହେ ନାଥ ତବ ବିହୁନେ ଶିବ ଅନାଥ ହେ ।

ଏହି ପଦ୍ୟଟିର ଅଣସର ସମ୍ବନ୍ଧୀୟ ଚିନ୍ତନକୁ ଦେଖିଲେ ଜଣାଯାଏ ଏକ ସାମ୍ୟ ମୈତ୍ରୀ ପୀଠରେ ସବୁବେଳେ ଗୋଟିଏ ମତବାଦକୁ ପ୍ରଶୟ ନ ଦେଇ ହଠାତ୍ ଆଲୁଅରୁ ଅନ୍ଧାର ଆସିବା ପରି ଏହି ପ୍ରକଟରୁ ଅପ୍ରକଟ ଅପ୍ରକଟରୁ ପ୍ରକଟ ଲୀଳା ହେଉଅଛି । ଏହା ହିଁ ଅଣ+ସର= ଅଣସର ସର=ଗତି ଅଣ = ନାହିଁ ନାହିଁ ଗତି ନିଶ୍ଚଳ ଭାବର ଉପାସନା ହିଁ ଦାରୁବ୍ରହ୍ମ ଉପାସନା ଓ ଉପାସକର ନାମ ଦୟିତ୍ୱ ଅଟେ । ଚଉଦ ବ୍ରହ୍ମାଣ୍ଡରେ ଏହି ଭାବମୟ ଉପାସନା ନାହିଁ ବା ଏପରି ମୈତ୍ରୀ ଭାବର ପ୍ରତୀକ ପ୍ରକଟ ହେବା ସମ୍ଭବ ନୁହେଁ ।

*(ଉକ୍ତ ଆଲେଖ୍ୟ ୧୯୭୦ ମସିହା ମେ ୬ ତାରିଖରେ ପ୍ରକାଶିତ ଶ୍ରୀମନ୍ଦିର ସମାଚ୍ଚରରୁ ସଂଗୃହୀତ ।)*



ତା. ୧୫.୫.୨୧ରେ ନରେନ୍ଦ୍ର ପୁଷ୍କରିଣୀଠାରେ ଚନ୍ଦନ ଯାତ୍ରା ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାର ଏବଂ ପ୍ରଶାସକ (ନୀତି) ଶ୍ରୀ ଜିତେନ୍ଦ୍ର କୁମାର ସାହୁ ।

*ପୂର୍ବ ପ୍ରକାଶିତ ଉତ୍ତାରୁ ....*

# ସ୍ୱତ୍ତ୍ୱଲିପିରେ ଶ୍ରୀମନ୍ଦିର ନୀତି

## (୫୨) - ଅକ୍ଷୟ ତୃତୀୟା (ଚନ୍ଦନଯାତ୍ରା ଓ ରଥ ଅନୁକୂଳ)

ଏହି ଯାତ୍ରା ବୈଶାଖ ଶୁକ୍ଳ ତୃତୀୟା ଦିନ ଆରମ୍ଭ ହୁଏ ।

ଦ୍ୱିତୀୟା ଦିନ ରାତ୍ର ଚନ୍ଦନ ଲାଗି ବଢ଼ିବା ପରେ ପାଳିଆ ମେକାପ ତିନି ଗୋଟା ରୂପା ପିଙ୍ଗଣରେ ରାଘବଦାସ ମଠ ଦେଇଥିବା ସେ ସାଢ଼େ ସାତ ର ଚନ୍ଦନ



ରଖି ଓ ରାଜା ସୁପରିଟେଣ୍ଡେଣ୍ଟ ଦେଇଥିବା ସେ ସାଢ଼େ ସତ ଚନ୍ଦନ ପରଖରେ ରଖି ଭୋଗମଣ୍ଡପ ଘରଠାକୁ ନେବେ । କାଠ ଭଦ୍ରାସନ ମଣ୍ଡଳ ଉପରେ ପିଙ୍ଗଣ ଥୋଇବେ । ପଣ୍ଡା ଆସି ଚେମେଡ଼ି ପତନୀ, ଫୁଲ ଚନ୍ଦନ ଦେଇ ସଂସ୍କାର କରି ଅଧିବାସ କରାଇବା ଉତ୍ତାରେ ତଢ଼ାଉ ଦ୍ୱାରମାନ ରୋଧକରି ଦ୍ୱାରମାନଙ୍କରେ ମୁଦ ଦେବେ ଓ ଲେଙ୍କା ପାଇକ ଜଗି ରହିବ । ଏ ଉତ୍ତାରୁ ଅନ୍ୟାନ୍ୟ ନୀତି ହୋଇ ପହୁଡ଼ ହେବ ।

ଅକ୍ଷୟ ତୃତୀୟା ଦିନ ସକାଳ ଧୂପ ସରିବା ଉତ୍ତାରେ ୩ ବାଡ଼ ମୈଲମ ହୋଇ ୩ ବାଡ଼ରେ ମହାସ୍ନାନ ହେବ । ଏହାପରେ ଗତ ଦିନ ଚନ୍ଦନ ଅଧିବାସ ହୋଇଥିବା ଭୋଗମଣ୍ଡପ ଘରଠାକୁ ପଣ୍ଡା, ପତି, ମୁଦିରସ୍ତେ ଓ ଭିତର ମୈଲମ ବଢ଼ାଇଥିବା ୩ଜଣ ପଶୁପାଳକେ ଏହିପରି ୬ଜଣ ଯାଇ ପିଣମାନଙ୍କୁ ଘଣ୍ଟ, ଛତା କାହାଳୀ ସହ ତଳିଛ ପଟୁଆର ହୋଇ ବଡ଼ ଦେଉଳକୁ ୩ ଘେରା ବୁଲାଇ ଭିତର ସିଂହାସନ ଉପରେ ତିନି ବାଡ଼ରେ ରଖିବେ । ପରଖରେ ଥିବା ଚନ୍ଦନ ପାଳିଆ ମେକାପ ସିଂହାସନଉପରେ ରଖିବେ । ପାଣି ପଡ଼ି ଧୋ-ପଖାଳ ହୋଇ ମେକାପ ସରଘର ଠାକୁ ଶୀତଳଭୋଗ ସକାଶେ ଡକରା ଯିବ । ଏହି ଭୋଗ ପଣ୍ଡା ତ୍ରିନି ଜଣ ପଞ୍ଚ ଉପଚାରରେ ଭୋଗ କରିବେ । ଏ ଭୋଗରେ ଟେରା ପଡ଼ିବ ନାହିଁ । ଏହାପରେ ପଶୁପାଳଲେ ଓ ପଣ୍ଡା, ପତି, ମୁଦରସ୍ତେ ୬ଜଣ ସିଂହାସନରେ ଉଠି ସୁନା ଗୋସେଇଁ ଦେଇଥିବା ଅଳକା ଓ ଶ୍ରୀରାଘ ଦାସ ମଠ ଦେଇଥିବା ଚଉସରା ଓ ଚୂଳଲାଗି ବଢ଼ାଇ ୬ ମୂର୍ତ୍ତି ଅଳଙ୍କାର ଲାଗି କରିବେ । ବେଶ ହୋଇବ । ଏ ବେଶରେ ଝରି ଖଣ୍ଡ ଆଜ୍ଞାମାଳ ଲାଗି ହୋଇବ । ଏ ଉତ୍ତାରେ ପାଣି ପଡ଼ି ଧୋ-ପଖାଳ ହୋଇ ମଧ୍ୟାହ୍ନ ଧୂପ ରୋଷରୁ ଘଣ୍ଟ, ଛତା କାହାଳୀ ସହ ତଳିଛ ପଟୁଆରରେ ଛାମୁକୁ ଆସିବ । ମୁଦିରସ୍ତ ପ୍ରସାଦ ଲାଗି କରିବେ । ଏ ଉତ୍ତାରେ ଦକ୍ଷିଣ ଘର ଚନ୍ଦନ ସର୍ବାଙ୍ଗ ବଢ଼ି ଭୋଗ ସରିବା ଉତ୍ତାରେ ମହାଜନେ ରାମକୃଷ୍ଣ ଦୁଇ ଦେବଙ୍କୁ ଓ ମଦନମୋହନଙ୍କୁ ଭିତର ସିଂହାସନକୁ ବିଜେ କରାଇବେ । ଏହାପରେ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ ପଜୂା ଓ ଭୋଗ ମଣୋହି କରାଇବେ । ଭିତରେ ପାଣି ପଡ଼ିବା ଉତ୍ତାରେ ତିନି ବାଡ଼ରେ ପଣ୍ଡା, ପତି, ମୁଦିରସ୍ତେ ବନ୍ଦାପନା କରିବେ । ପଣ୍ଡା ଆଜ୍ଞାମାଳ ଦେବା ଉତ୍ତାରେ ମହାଜନେ ହାତରେ ବିଜେ କରାଇ ଆଣି ଝୁଲଣ ମଣ୍ଡପ ତଳେ ଥିବା ପାଲିଙ୍କିରେ ରାମକୃଷ୍ଣ ଦୁଇ ଦେବଙ୍କୁ ଓ ବିମାନରେ ଲକ୍ଷ୍ମୀ, ସରସ୍ୱତୀ ଓ ମଦନମୋହନଙ୍କୁ ବିଜେ କରାଇବେ । ରୁନ୍ଧା ବଢ଼ିବା ପରେ ମାଳଫୁଲ ଲାଗି ହୋଇ ବିଜେ କାହାଳୀ ବାଜିଲା ଉତ୍ତାରେ ବିମାନବଡୁମାନେ ଘଣ୍ଟା, ଛତା, କାହାଳୀସହ ସିଂହାଦ୍ୱାର ଦେଇ ଚନ୍ଦନ ବେଢ଼ା (ନରେନ୍ଦ୍ର) ଚକଡ଼ାକୁ ବିଜେ କରାଇବା ସକାଶେ ଯିବେ । ବିମାନ ନହର ଦ୍ୱାରରେ ପହୁଞ୍ଚିଲେ ରଥ ଅନୁକୂଳ ସକାଶେ ସେଠାରେ ରହିବ ।

## (୫୨) (କ) - ରଥ ଅନୁକୂଳ

ନହର ନିକଟରେ ବିମାନ ପହଞ୍ଚିବା ଆଗରୁ ଦେଉଳ ପୁରୋହିତ ରଥ ଅନୁକୂଳ ହୋମ ସାରିଥିବେ । ପଣ୍ଡା ତିନି ଜଣ ଦିଅଁମାନଙ୍କୁ ଆଜ୍ଞାମାଳ ଦେଲା ଉତ୍ତାରେ ଶ୍ରୀଅଙ୍ଗରୁ ୩ ଗୋଟା ଆଜ୍ଞାମଳ ନେଇ ହାତରେ ଧରି ଦିଅଁଙ୍କ ବିମାନ ଆଗେ ଆଗେ ଯାଇ ନହର ଦ୍ୱାରଠାରେ ଥିବେ । ଦେଉଳ ପୁରୋହିତମାନେ ହୋମ ବଢ଼ାଇବା ପରେ ବଢ଼ାଇମାନଙ୍କ ଶାଢ଼ିବନ୍ଧା ପଢ଼ିଆ କରଣ ବଢ଼ାଇବା ଉତ୍ତାରେ ପଣ୍ଡାମାନେ ୩ ରଥକୁ ଅନୁକୂଳକୁ ଆଜ୍ଞାମାଳ ଦେଇ ଫେରିଆସି ଭୋଗ ମଣ୍ଡପ ସାରିବେ ।

## (୫୨) (ଖ) - ଚନ୍ଦନଯାତ୍ରା (କ୍ରମଶଃ)

ଦିଅଁ ନରେନ୍ଦ୍ର ଚକଡ଼ାରେ ପହଞ୍ଚିଲେ ଦାସି ପାଳିଆ ଗରାବଡୁ ଜଗନ୍ନାଥ ବଲ୍ଲଭରୁ ଆଣିଥିବା ପାଣିରେ କର୍ପୂର ଜଳ କରିବେ । ଭିତରଛ ମହାପାତ୍ର ୫ ବାଡ଼ରେ କର୍ପୂର ଜଳ ମଣୋହି କରାଇବେ । ଏ ଉତ୍ତାରେ ମହାଜନମାନେ ରାମକୃଷ୍ଣ ଦୁଇ ଦେବଙ୍କୁ ବଡ଼ ଝପରେ ବିଜେ କରାଇବେ । ଏହାଙ୍କ ସହିତ ପଞ୍ଚପାଣ୍ଡବ ପଛ ସିଂହାସନରେ ବିଜେ ହୋଇବେ । ମଦନମୋହନ, ଲକ୍ଷ୍ମୀ, ସରସ୍ୱତୀ ପଛ ଝପରେ ବିଜେ ହୋଇବେ । ଏ ଉତ୍ତାରେ ମୁଦିରସ୍ତେ ପ୍ରସାଦ ଲାଗି କରିବେ । ହଡ଼ପ ନାଏକ ଦଶଅବତାର ପଟି କାନ୍ଧରେ ପକାଇ ବିଡ଼ିଆ ମଣୋହି କରାଇବେ ।

## (୫୨) (ଗ) - (ଦିନ ଝପ)

ଦିନଝପ ଏକ ଘେରା ବୁଲି କୂଳରେ ଲାଗିଲା ଉତ୍ତାରେ ଦୁଇ ଝପ ଏକତ୍ର ହୋଇ ବଡ଼ ଝପରୁ ରାମକୃଷ୍ଣ ଦୁଇଦେବ ମଦନମୋହନ ଝପକୁ ଆସିବା ଉତ୍ତାରେ ବନ୍ଦାପନା ହୋଇ ଝମର ଆଲଟ ହୋଇ ଜଗତି ଉପରକୁ ବିଜେ ହୋଇ ଜଳରେ ବୁଡ଼ିବେ । ଜଳଲାଗି ବଢ଼ିବା ପରେ ଜଳରୁ ବାହାରି ଫୁଲ ସାଦା ବେଶ ହୋଇ ଶୀତଳ ମଣୋହି ପଞ୍ଚଉପଚାରରେ ପୂଜା ହୋଇବ । ପରେ ଜଗତି ଉପରେ ସୁନା ଅଳଙ୍କାରମାନ ଲାଗି ହୋଇ ବେଶ ହେବେ । ଏ ପରେ ଭିତରକୁ ବିଜେ ହୋଇ ନରେନ୍ଦ୍ର ଚକଡ଼ା ରୋଷରେ ହୋଇଥିବା ମାଣ୍ଡୁଅ ଭୋଗ ସାରି ବିଁଡ଼ିଆ ମଣୋହି ହୋଇବେ । ପରେ ରାତ୍ର ଝପକୁ ବିଜେ ହୋଇବେ ।

## (୫୨) (ଘ) - (ରାତ୍ର ଝପ)

ଦିନଝପ ଭଳି ବସିବେ ମାତ୍ର ରାତ୍ର ଝପ ୩ ଘେରା ବୁଲିବ । ପରେ ଦିଅଁ ବିମାନ, ପାଲିଙ୍କିରେ ବିଜେ ହୋଇ ବଡ଼ ଦେଉଳକୁ ବାହୁଡ଼ା ବିଜେ ହୋଇ ବଟମୂଳେ ଉଭା ହୋଇବେ । ଏଠାରେ ଭିତରଛ ମହାପାତ୍ର ଜଳଲାଗି ବଢ଼ାଇବାପରେ ଦକ୍ଷିଣ ଘରଠାରେ ଖଟଶେଯ ମେକାପ ପକାଇଥିବା ଶେଯ ଉପରେ ବିଜେ ହେବେ । ଲାଗି ହୋଇଥିବା ଅଳଙ୍କାରମାନ ଭଣ୍ଡାର ମେକାପ ମଣାଣ କରିବ । ପରେ ଲକ୍ଷ୍ମୀ ସରସ୍ୱତୀ ଭିତରକୁ ଓ ଅନ୍ୟ ଠାକୁରମାନେ ଦକ୍ଷିଣ ଘରକୁ ବିଜେ କରିବେ ।

ଏ ଦିନ ସନ୍ଧ୍ୟା ଧୂପ ବଢ଼ିବା ପରେ ଜୟ-ବିଜୟ ଦ୍ୱାର ବନ୍ଦ ରହିବ । ଜଗମୋହନ ଅନ୍ଧକାର ହୋଇ ନିଶବ୍ଦ ହେବ । ଏଥି ପୂର୍ବରୁ ଆଲଟ ଲାଗି ଘୋଡ଼ା ଭିତରେ ରଖାଯାଇଥିବ । ଅନ୍ଧକାର ହୋଇଲାପରେ ପାଳିଆ ପଢ଼ିଆରୀ ଦକ୍ଷିଣଦ୍ୱାର ଲଣ୍ଡାବର୍ତ୍ତ ଉପରେ ଜଗି ବସିବ । ପାଳିଆ ଖୁଣ୍ଟିଆ ମଇଲମକୁ ଡାକିଲେ ପାଳିଆ ପଶୁପାଳକ ତିନି ଜଣ, ଜଣେ ପାଳିଆ ଖୁଣ୍ଟିଆ, ଜଣେ ଝଙ୍ଗଡ଼ା ମେକାପ, ଅଖଣ୍ଡ ମେକାପ ଓ ଗରାବଡୁ ଭିତରକୁ ଯିବେ । ମୈଲମ ବଢ଼ାଇ ଆଲଟ ଲାଗି ହେବା ନିମନ୍ତେ ସୂତା ଲୁଗା ଲାଗି ବଢ଼ିବା ଉତ୍ତାରେ ସୁବାସ ଫୁଲ ତ୍ରିମୁଣ୍ଡିରେ ଲାଗି ହୋଇ କର୍ପୂର ଲାଗି ବଢ଼ିବ । ପାଳିଆ ଖୁଣ୍ଟିଆ ସିଂହାସନ ପାଖରେ ଥାଇ ଆଲଟ ନେଇ ଆସିବା ନିମନ୍ତେ ପାଳିଆ ମେକାପକୁ ଡାକିବ । ଅଖଣ୍ଡ ବଇଠାମାନ ଲିଭାଇ ଅନ୍ଧାର କରିଥିବ । ଏ ଉତ୍ତାରେ ଆଲଟ ଭିତରକୁ ଯାଇ ସାରିବା ପରେ ହଡ଼ପ ନାଏକ ଭିତରକୁ ଯାଇ ବିଡ଼ିଆ ମଣୋହି କରିଥିବେ । ଖୁରି ନାହାକ ଦକ୍ଷିଣ ଦ୍ୱାରେ ଖୁରି ଧରି ବସିଁଥିବ । ପଶୁପାଳକେ ଖୁରିଏ ଆଲଟ କଲାପରେ ପଣ୍ଡା ତିନି ଜଣ ଆସି ଆଲଟ ହାତରେ ନେଇ ଏକ ଖୁରି ଆଲଟ କରିବେ । ଏହାପରେ ଅଖଣ୍ଡ, ବଇଠା ବସାଇବ । ପାଳିଆ ମେକାପ ଆଲଟମାନ ଭଣ୍ଡାରକୁ ନେବ । ପରେ ପାଣି ପଡ଼ି ପଣା ଭୋଗ ଡାକରା ହୋଇ ପଞ୍ଚ ଉପଚାରରେ ଭୋଗ ହେବ । ଆଲଟ ଲାଗି ସମୟରେ ଭିତରେ ଗାଏଣୀ କଳାହାଟ ଦ୍ୱାରରେ ଥାଇ ଗୀତି ଗାଉଥିବ ।

ଯଦି ଚନ୍ଦନ ଯାତ୍ରାରୁ ଦିଅଁ ବିଜେ କରି ଆସିଥିବେ, ତାହେଲେ ପଣା ଭୋଗ ଉଠିଲେ ଲକ୍ଷ୍ମୀ ସରସ୍ୱତୀ ଭିତରକୁ ବିଜେ କରିବେ । ଏ ଉତ୍ତାରେ ଅନ୍ୟାନ୍ୟ ନୀତିମାନ ହେବ ।●

## ଜାଣିବା କଥା ... ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିରରେ 'କାହାଳିଆ ସେବକ'ଙ୍କ ଭୂମିକା କ'ଣ ?

ଉ - ଯେଉଁ ସେବକ ଶ୍ରୀବିଗ୍ରହଙ୍କ ନୀତି ସମୟରେ କାହାଳୀ ବଜାନ୍ତି ।

୨. ପ୍ର - ଶ୍ରୀମନ୍ଦିରରେ 'କିଆପତ୍ର'ର ଆବଶ୍ୟକତା କ'ଣ ?

ଉ - ଏହା ସୁନାରେ ତିଆରି କିଆ ପତ୍ର ସଦୃଶ ଏକ ଅଳଙ୍କାର ବିଶେଷ । ଏହା ସୁନାବେଶ ତଥା ଅନ୍ୟାନ୍ୟ କେତେକ ନିର୍ଦ୍ଦିଷ୍ଟ ବେଶରେ ଠାକୁରଙ୍କୁ ଲାଗି ହୋଇଥାଏ ।

୩. ପ୍ର - ଶ୍ରୀମନ୍ଦିରରେ 'କୁଆଉଡ଼ା'ଙ୍କ କାର୍ଯ୍ୟ କ'ଣ?

ଉ - ଶ୍ରୀମନ୍ଦିରରେ କୋଠଭୋଗ ତ୍ରିଛେକ ଆଗରେ କୁଆକୁ ଉଡ଼ାଇବା ନିମନ୍ତେ କାଠ ଖଣ୍ଡେ ଧରି ଠିଆ ହୋଇଥିବା ସେବକ ।

୪. ପ୍ର - ଶ୍ରୀମନ୍ଦିରରେ 'କୁଡୁଆ'ର ବ୍ୟବହାରିତା କ'ଣ କ'ଣ ?

ଉ - ଶ୍ରୀମନ୍ଦିରରେ ମହାପ୍ରସାଦ ଅନ୍ନବ୍ୟଞ୍ଜନାଦି ପାକ କରିବାର ମାଟି ପାତ୍ର ବା ହାଣ୍ଡି । ମାଟିପାତ୍ର ବଡ଼ ହୋଇଥିଲେ ଏହାକୁ 'ବାଇହାଣ୍ଡି' କୁହାଯାଏ । ମଧ୍ୟମା ଭଳି ହୋଇଥିଲେ କୁଡ଼ିଆ କୁହାଯାଏ । ସାନପାତ୍ର ହୋଇଥିଲେ 'ଓଳି' ବା 'ବଢ଼ା' କୁହାଯାଏ । ଅନ୍ନ କୁଡୁଆରେ ରନ୍ଧା ଯାଇ ବଡ଼ହାଣ୍ଡିରେ ଢ଼ଳାଯାଏ । କୁଡୁଆରେ ଅନ୍ନ, ତିଅଣ ଓ ଖିରି ରନ୍ଧାଯାଏ । କୁଡୁଆ ମଧ ନାନା ପ୍ରକାରର- ଅନ୍ନ କୁଡୁଆ, ଖିରି କୁଡୁଆ, ତିଅଣ କୁଡୁଆ, ନାଗର କୁଡୁଆ, ଏମର କୁଡୁଆ, ବସାଣ କୁଡୁଆ, ବଡ଼ମଠ କୁଡୁଆ, ସାନମଠ କୁଡୁଆ, ନମ୍ବରି କୁଡୁଆ, ଢ଼ଳା କୁଡୁଆ ଏବଂ ଭାତ କୁଡୁଆ ପ୍ରଭୃତି ।

୫. ପ୍ର - ଶ୍ରୀମନ୍ଦିରରେ 'କୁ ଶାଣ୍ଡି'ର ଅର୍ଥ କ'ଣ ?

ଉ - ଶ୍ରୀମନ୍ଦିରରେ ବିଭିନ୍ନ ସମୟରେ ହୋମଲାଗି କରାଯାଉଥିବା ଅଗ୍ନି ପୂଜା ।


● *ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

*ଯୁଗେ ଯୁଗେ ରଥଯାତ୍ରା .....*

## ୧୯୩୧ ମସିହା ପୁରୀ ରଥଯାତ୍ରା

**(ଭାଗ-୬୬-ସଂଖ୍ୟା ୩୧ - ତା ୧ ରିଖ, ଅଗଷ୍ଟ)**

ଶ୍ରୀଗୁଣ୍ଡିଚ୍ଚ ବେଳକୁ ପୁରୀ ରଥଟଣାରେ ଯେପରି ଗଣ୍ଡଗୋଳ ହୋଇଥିଲା, ବାହୁଡ଼ା ବେଳକୁ ଆଉ ସେପରି ହେଲାନାହିଁ । ୨୬ ତାରିଖ ଦିନ ଜଗନ୍ନାଥଙ୍କ ପହଣ୍ଡି କରିବେ ନାହିଁ ବୋଲି ସେବକମାନେ ଜିଦ୍ କରିଥିଲେ । ସ୍ଥାନୀୟ କେତେକ ଭଦ୍ରଲୋକ ରାଜା ଓ ସେବକମାନଙ୍କୁ ବୁଝାଇ ରଥ ୩୦ ତାରିଖ ପର୍ଯ୍ୟନ୍ତ ସିଂହଦ୍ୱାରେ ରହିବ ବୋଲି ମୀମାଂସା କରିବାରୁ ପଣ୍ଡାମାନେ ଯାଇ ପହଣ୍ଡି ଆରମ୍ଭ ହୋଇଥିଲା । ତିନି ଠାକୁର ୨ଟା ବେଳକୁ ରଥ ଉପରକୁ ଆସିଥିଲେ । ସାଙ୍ଗେ ସାଙ୍ଗେ ରାଜା ଛେରା ପହଁରା କରିବାରୁ ରଥଟଣା ଆରମ୍ଭ ହୋଇଥିଲା । ବଳରାମ ଓ ସୁଭଦ୍ରାଙ୍କ ରଥ ଠିକ୍ ସନ୍ଧ୍ୟାବେଳକୁ ସିଂହଦ୍ୱାର ଠାରେ ପହୁଞ୍ଚିଥିଲା, ମାତ୍ର ସନ୍ଧ୍ୟା ହୋଇଯିବାରୁ ଜଗନ୍ନାଥଙ୍କ ରଥ ଟଣା ହୋଇ ନପାରି ନହର ଦ୍ୱାର ଠାରେ ରହିଲା । ବାହୁଡ଼ା ଦିନ ଭାରୀ ଖରା ହୋଇଥିଲା । ପୁରୀ ସେବା ସମିତିର ସ୍ୱେଚ୍ଛାସେବକମାନେ ସେଦିନ ଯାତ୍ରିମାନଙ୍କୁ ପାଣି, ପଙ୍ଖା ଇତ୍ୟାଦି ଯୋଗାଇ ବିଶେଷ ଭାବରେ ସାହାଯ୍ୟ କରିଥିଲେ ।



## ୧୯୩୨ ମସିହା ପୁରୀ ରଥଯାତ୍ରା

**(ଭାଗ-୬୭-ସଂଖ୍ୟା ୨୮ - ତା ୯ ରିଖ, ଜୁଲାଇ)**

ପୁରୀର ଗୁଣ୍ଡିଚ୍ଚ ଯାତ୍ରା ଶେଷ ହୋଇଅଛି । ଏଥର ଯାତ୍ରୀ ସଂଖ୍ୟା ଅତି ଅଳ୍ପ, ପ୍ରାୟ ଦଶହଜାରରୁ ନ୍ୟୁନ ହେବେ । ତେଣୁ କୌଣସି ପ୍ରକାର ଅସୁବିଧା ଘଟିନାହିଁ । ଗୁଣ୍ଡିଚ୍ଚ ଦିନ ତିନିରଥ ଗୁଣ୍ଡିଚ୍ଚ ଘରେ ପହଞ୍ଚିଥିଲା । ଭାରତ ସେବା ସଂଘ ପ୍ରଭୃତିର ସ୍ୱେଚ୍ଛାସେବକମାନେ ପ୍ରତିବର୍ଷ ପରି ଯାତ୍ରୀମାନଙ୍କୁ ସାହାଯ୍ୟ କରିବା ଲାଗି ଉପସ୍ଥିତ ଥିଲେ ଓ ମଧ କାର୍ଯ୍ୟ କରିଥିଲେ । ଏଥର ଅନ୍ୟଥରମାନଙ୍କ ପରି ବିଶେଷ ଆବଶ୍ୟକତା ପଡ଼ିନାହିଁ । କଲେରା ଆଦି ଭୟରେ ସ୍ୱାସ୍ଥ୍ୟ ବିଭାଗର ପ୍ରଧାନ କର୍ତ୍ତୃପକ୍ଷ ପୁରୀରେ ଆସି ଉପସ୍ଥିତ ଥିଲେ ଏବଂ ସ୍ଥାନେ ସ୍ଥାନେ ଯାତ୍ରୀମାନଙ୍କୁ ଟିକା ଦେବାର ବନ୍ଦୋବସ୍ତ ହୋଇଥିଲା । ଏଠା କଟକ ଜିଲ୍ଲା ବୋର୍ଡ଼ ମଧ ତାଙ୍କ ଜିଲ୍ଲା ମଧ୍ୟରୁ ଯେଉଁମାନେ ପୁରୀ ଗଲେ ସେମାନଙ୍କ ଟୀକା ନେବାର ବ୍ୟବସ୍ଥା କରିଥିଲେ । ସୁଖର ବିଷୟ କଲେରାର କୌଣସି ପ୍ରାଦୁର୍ଭାବ ଦେଖା ଯାଇନାହିଁ । ଯଦି କୌଣସି କାରଣରୁ ଗୋଟିଏ ଦୁଇଟି ଘଟିଥାଏ ତାହା ନଗଣ୍ୟ ମାତ୍ର । ●



ତା. ୧୨.୫.୨୧ରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାର ନରେନ୍ଦ୍ର ପୁଷ୍କରିଣୀଠାରେ ଚନ୍ଦନ ଯାତ୍ରାର ପ୍ରସ୍ତୁତି ଅନୁଧାନ କରୁଛନ୍ତି ।

*ଐତିହ୍ୟ ପୃଷ୍ଠାରୁ ...*

## ପୁରୀର ଯମନିକ ତୀର୍ଥ ସାମାଜିକ ସଂହତିର ନାଭିକେନ୍ଦ୍ର

ଶ୍ରୀକ୍ଷେତ୍ରରେ ଶ୍ରୀଯମେଶ୍ୱର ମନ୍ଦିର ଚିହ୍ନିତ ହୁଏ ଯମନିକ ତୀର୍ଥ ଭାବରେ । ଏହି ତୀର୍ଥ ଏକ ସମୀକରଣ ମୂଳକ ଉପାସନାର ପ୍ରତୀକ । ଏହି ତୀର୍ଥରେ ହରିହରଙ୍କର ମିଳିତ ଉପାସନା ସମାଜରେ ସହାବସ୍ଥାନର ବାର୍ତ୍ତା



ଦେଇଥାଏ । ଯେବେ ଭାରତବର୍ଷରେ ଶିବ ଉପାସକ ଓ ବିଷ୍ଣୁ ଉପାସକଙ୍କ ମଧ୍ୟରେ ପ୍ରବଳ ତିକ୍ତତା ସୃଷ୍ଟି ହୋଇ ସାମାଜିକ ଅଶାନ୍ତି ବ୍ୟାପି ଯାଇଥିଲା । ସେବେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରୁ ଶାନ୍ତିର ସହାବସ୍ଥାନ ବାର୍ତ୍ତା ସମାଜକୁ ଚକିତ କରିଦେଇଥିଲା । କ୍ଷେତ୍ରରେ 'ହରିହର ବେଶ' ଓ 'ହରିହର ଭେଟ' ପରମ୍ପରା । ଉପାସନାରେ ଏକ ନୂତନ ଦିଗ ଉନ୍ମୋଚିତ କରିଥିଲା ।

ଶ୍ରୀ ଯମେଶ୍ୱର ମନ୍ଦିରର ଗର୍ଭଗୃହରେ ଶିବଲିଙ୍ଗଙ୍କ ପଛପଟେ ଶ୍ରୀ ଦତ୍ତାତ୍ରେୟ ପୂଜା ପାଉଛନ୍ତି । ଶ୍ରୀଦତ୍ତାତ୍ରେୟ ଥିଲେ 'ଶ୍ରୀ' ଉପାସନାର ପ୍ରବର୍ତ୍ତକ । 'ଶ୍ରୀ'ଙ୍କ କ୍ଷେତ୍ରରେ ଦତ୍ତାତ୍ରେୟଙ୍କର ପଥର ବିଗ୍ରହ ଏଇ ତୀର୍ଥରେ ଉପାସିତ ହେଉଛନ୍ତି । ଶ୍ରୀଯମେଶ୍ୱର ମନ୍ଦିରର ପ୍ରବେଶପଥ ଉପରେ 'ଶ୍ରୀଦେବୀ' ରହିଛନ୍ତି ।

ଭୋଗମଣ୍ଡପରେ ଶ୍ରୀନାରାୟଣ ପୂଜିତ ହେଉଥିବା ବେଳେ, ବାମପଟେ ଶ୍ରୀରାମ ଓ ଦେବୀ ସୀତାଙ୍କର ପଥର ବିଗ୍ରହ ପୂଜା ହେଉଛନ୍ତି । ଶ୍ରୀରାମ-ଶ୍ରୀଲକ୍ଷ୍ମଣ ଓ ଦେବୀଙ୍କର ଏକ ପଥର ବିଗ୍ରହ ବେଢ଼ାରେ ଥିବା ବେଳେ, ଶ୍ରୀରାମଙ୍କ ପାଦପଦ୍ମ ସ୍ୱତନ୍ତ୍ର ଭାବରେ ପୂଜା ପାଉଛନ୍ତି ।

ଶ୍ରୀମନ୍ଦିର ଉପାସନାରେ ପ୍ରଚଳିତ 'ହରିହର ବେଶ'ର ଏକ ପଥର ବିଗ୍ରହ ନାଟ ମନ୍ଦିରରେ ଶୋଭା ପାଉଛି । ମିଳିତ ବିଗ୍ରହରେ ଶଙ୍ଖ, ଚକ୍ର, ଡମ୍ବରୁ ଓ ତ୍ରିଶୂଳ ଶୋଭା ପାଉଛନ୍ତି । ହରିଙ୍କ ସଂଲଗ୍ନ ହୋଇ ଶ୍ରୀଦେବୀ ଓ ହରଙ୍କ ସଂଲଗ୍ନ ହୋଇ ଦେବୀ ପାର୍ବତୀ ଅଛନ୍ତି । ସେହିପରି ହରିଙ୍କ ପାଦପାଖରେ ଶ୍ରୀଗରୁଡ ଓ ହରଙ୍କ ପାଦପାଖରେ ଶ୍ରୀବୃଷଭ ଶୋଭା ପାଉଛନ୍ତି । ସ୍ୱତନ୍ତ୍ର ସିଂହାସନ ଉପରେ ବିଜେ କରିଥିବା ହରିହରଙ୍କର ଏହି କମନୀୟ ବିଗ୍ରହ ହିଁ ଶ୍ରୀମନ୍ଦିରରେ ହରିହର ବେଶର ଆଧାରସ୍ତମ୍ଭ ।

ଶ୍ରୀଯମେଶ୍ୱରଙ୍କ ପ୍ରାଚୀନ ମନ୍ଦିରର ଏକ ପ୍ରତିକୃତି ବେଢ଼ାରେ ଥିବାବେଳେ, ଶ୍ରୀଯମରାଜଙ୍କ ବିଗ୍ରହ ଦକ୍ଷିଣ ପାର୍ଶ୍ୱ ବେଢ଼ାରେ ମହୋଦଧି ମୁହାଁ ହୋଇ ପୂଜା ପାଉଛନ୍ତି । ଯାଙ୍କୁ ଦେଖିଲେ ଶାସ୍ତ୍ରମାନଙ୍କରେ ବର୍ଣ୍ଣିତ ଶ୍ରୀଯମଙ୍କ ପ୍ରସଙ୍ଗ ଓ ଶ୍ରୀକ୍ଷେତ୍ରରେ ମୁକ୍ତି କାମନା ମନକୁ ଆଚ୍ଛାଦିତ କରେ । ଜନମ-ମରଣ ରହସ୍ୟର ସେଇ ଯେଉଁ ଅକୁହା ଗାଥା ଶାସ୍ତ୍ରରେ ସ୍ଥାନ ପାଇଛି ତାର ନାଭି କେନ୍ଦ୍ର ଏଇ ଯମନିକ ତୀର୍ଥ ବୋଲି ବିଶ୍ୱାସ ଦୃଢ଼ ହେଉଛି ।

*●ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର- ଦୋଳମଣ୍ଡପ ସାହି, ହାବେଳୀ ଗଳି, ପୁରୀ-୧*

# ଶ୍ରୀଜଗନ୍ନାଥଙ୍କ ଚନ୍ଦନ ଯାତ୍ରା ପରିକ୍ରମା...













# ପ୍ରସ୍ତୁତି ପଥେ ମହାପ୍ରଭୁଙ୍କ ରଥ...














# କାଞ୍ଚି ଗଣେଶ ପୁରୀ ଆସିଲେ

ସୂର୍ଯ୍ୟ ବଂଶର ପ୍ରବଳ ପରାକ୍ରମୀ ନରପତି କପିଳେନ୍ଦ୍ର ଦେବ ଉତ୍ତରରେ ଗଙ୍ଗାନଦୀ ଠାରୁ ଆରମ୍ଭ କରି ଦକ୍ଷିଣ ପଶ୍ଚିମରେ ନବକୋଟୀ କର୍ଣ୍ଣାଟ କଳବର୍ଗ ପର୍ଯ୍ୟନ୍ତ ଜୟକରି ତାର ଅଧିଶ୍ୱର ହୋଇଥିଲେ । ଜୀବନ ସଂଧ୍ୟାରେ ସେ କୃଷ୍ଣା ନଦୀ ତଟରେ ଶିବିର ପକାଇ ଅବସ୍ଥାନ କରୁଥିଲେ । ସେହିଠାରେ ତାଙ୍କର ଉତ୍ତରାଧିକାରୀ ରୂପେ ପୁରୁଷୋତ୍ତମ ଦେବଙ୍କୁ ଅଭିଷେକ କରାଇଥିଲେ । ନଦୀର ଅପର ପାର୍ଶ୍ୱରେ କାଞ୍ଚିରାଜ୍ୟ ଅବସ୍ଥିତ । ସେଠାକାର ରାଜା ଥିଲେ ଶାଲ୍ୱ ନରସିଂହ । ସେ ମହାପରାକ୍ରମୀ ଥିଲେ । ବିଶେଷକରି ତାଙ୍କ ଇଷ୍ଟଦେବତା ଗଣପତିଙ୍କ କୃପାରୁ ସେ ପରାକ୍ରମଶାଳୀ ହୋଇପାରିଥିଲେ କହିଲେ ଅତ୍ୟୁକ୍ତି ହେବ ନାହିଁ । କାଞ୍ଚି ଗଣପତି ହେଉଛନ୍ତି ଭଣ୍ଡ ଗଣପତି । ତାଙ୍କୁ ବାମାଚାରୀ ତାନ୍ତ୍ରିକ ପନ୍ଥାରେ ପୂଜା ଉପାସନା କରାଯାଏ । କାଞ୍ଚି ରାଜ୍ୟର ପୂଜକମାନେ ଗଣପତିଙ୍କୁ ପୂଜା ଉପାସନାରେ ସନ୍ତୁଷ୍ଟ କରି ରଖିଥିବାରୁ ରାଜା ସଦାସର୍ବଦା ନିର୍ଭୟରେ ଏବଂ ନିର୍ବିଘ୍ନରେ ରାଜ୍ୟ ଶାସନ କରୁଥାଆନ୍ତି । ଏକଦା ନଦୀ ପାର ହୋଇ ପୁରୁଷୋତ୍ତମ ଦେବ ସାଥି ସଂଗରେ କାଞ୍ଚି ନଗ୍ରରେ ପହଞ୍ଚିଥିଲେ । ନଦୀ ତଟରେ ଅନିନ୍ଦ୍ୟସୁନ୍ଦରୀ କାଞ୍ଚି ରାଜଜେମା ରୂପାମ୍ବିକାଙ୍କ ସହିତ ତାଙ୍କର ଅଚାନକ ଭାବେ ଦେଖା ହୋଇଗଲା । ପ୍ରଥମ ଦେଖାରେ ଦୁହେଁ ଦୁହିଁଙ୍କ ପ୍ରତି ଆକୃଷ୍ଟ ହୋଇପଡ଼ିଲେ । ଅଳ୍ପ ସମୟର ସାକ୍ଷାତ ପରେ ଦୁହେଁ ଆପଣା ଆପଣା ପଥରେ ଚାଲିଗଲେ । ମରମ ତଳେ କିନ୍ତୁ ଗୁମୁରୁ ଥାଏ ପହିଲି ଦେଖାର ମଧୁର ଅନୁଭୂତି । କପିଳେନ୍ଦ୍ର ଦେବଙ୍କ ଦେହାନ୍ତ ପରେ ଉତ୍କଳର ଗଜପତି ଭାବେ ସିଂହାସନ ଆରୋହଣ କଲେ ପୁରୁଷୋତ୍ତମ ଦେବ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପୃଥିବୀ ପ୍ରସିଦ୍ଧ ରଥଯାତ୍ରାକୁ ନିମନ୍ତ୍ରଣ କଲେ କାଞ୍ଚି ନରପତି ଶାଲ୍ୱ ନରସିଂହ ଏବଂ ତାଙ୍କ ରାଜ ପରିବାରବର୍ଗଙ୍କୁ । ଶ୍ରୀକ୍ଷେତ୍ରରେ ରୂପାମ୍ବିକାଙ୍କ ସହିତ ପୁନରାୟ ଦେଖାସାକ୍ଷାତ୍ ହେଲା । ମହାପ୍ରଭୁ ରଥରେ ବିଜେ କରିବାବେଳେ ପରମ୍ପରା ଅନୁଯାୟୀ ଉତ୍କଳର ଗଜପତି ଛେରାପହଁରା ନୀତି କରନ୍ତି । ରଥ ଉପରେ ସିଂହାସନ ଚାରିପାଖେ ଚନ୍ଦନର ଛେରାପକାଇ ସୁବର୍ଣ୍ଣ ମାର୍ଜନୀରେ ମାର୍ଜନା କରନ୍ତି । ଏହି କାର୍ଯ୍ୟ କ୍ଷତ୍ରୀୟ ରାଜା ପକ୍ଷେ ଶୋଭନୀୟ ନୁହେଁ ବୋଲି ଭାବି ଶାଲ୍ୱନରସିଂହ ବିମୁଖ ହୋଇ ଆପଣା ରାଜ୍ୟକୁ ଫେରିଗଲେ । ପରବର୍ତ୍ତୀ କାଳରେ ତାଙ୍କର ଅଲିଅଳି କନ୍ୟାକୁ ଜଣେ ଚଣ୍ଡାଳ ରାଜା ହାତରେ ସମର୍ପିବାକୁ ପସନ୍ଦ କଲେ ନାହିଁ । ଏ ଅପମାନର ପ୍ରତିଶୋଧ ନେବା ପାଇଁ ଗଜପତି ପୁରୁଷୋତ୍ତମ ଦେବ କାଞ୍ଚି ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ । ମାତ୍ର କାଞ୍ଚି ଗଣପତିଙ୍କ କୃପାବଳରେ କାଞ୍ଚି ନରପତିଙ୍କ ଠାରୁ ପରାଜୟ ସ୍ୱୀକାର କରି ମନସ୍ତାପରେ ଫେରି ଆସିଲେ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଛାମୁରେ ଗୁହାରିଆ ପଡ଼ି ଜଣାଇଲେ, ଏ ଅପମାନ ସମଗ୍ର ଉତ୍କଳର ଏବଂ ଇଷ୍ଟ ଦେବତା ଜଗନ୍ନାଥ ମହାପ୍ରଭୁଙ୍କର । ଏହାର ପ୍ରତିକାର ନ କଲେ ସେ ଅନ୍ନଜଳ ଗ୍ରହଣ କରିବେ ନାହିଁ । ମହାପ୍ରଭୁଙ୍କର ସ୍ୱପ୍ନାଦେଶ ହେଲା, ଆମେ ଦୁଇଭାଇ କଳାଧଳା ଘୋଡ଼ାରେ ବସି ତୁମ ସୈନିକ ସାଜି କାଞ୍ଚି ଅଭିଯାନରେ ସାମିଲ୍ ହେବୁ । ତୁମେ ତୁମ ପାରିଷଦ ତାନ୍ତ୍ରିକ ପଣ୍ଡିତ ଗୋଦାବର ମହାପାତ୍ରଙ୍କୁ ସାଥିରେ ନେଇଚାଲ । ସେ ମନ୍ତ୍ର ବଳରେ କାଞ୍ଚିଗଣପତିଙ୍କୁ ବନ୍ଧନ କରି ନିଷ୍କ୍ରିୟ କରିପାରିବେ । ତା ପରେ ଆମେ ଅକ୍ଳେଶରେ କାଞ୍ଚି ଅଭିଯାନରେ ଜୟଯୁକ୍ତ ହେବା । ମହାପ୍ରଭୁଙ୍କ ଆଜ୍ଞାକୁ ଶିରୋଧାର୍ଯ୍ୟ କରି ଗଜପତି ମହାରାଜା ପାଇକ ବାହିନୀ ସଜ କଲେ । ବଳଭଦ୍ର ଏବଂ ଜଗନ୍ନାଥ ଦୁଇଭାଇ ପାଇକ ସାଜି କଳାଧଳା ଘୋଡ଼ାରେ ବସି କାଞ୍ଚି ଅଭିମୁଖେ ଚାଲିଲେ । ବାଟରେ ମାଣିକ ଗଉଡୁଣୀ ଠାରୁ ଦହିଖାଇ ଆପଣା ହସ୍ତର ମୁଦ୍ରିକା ଦେଇ ଗଜପତିଙ୍କୁ ଦେଖାଇବା ପାଇଁ କହିଲେ । ଗଜପତି ସେଠାରେ ପହଞ୍ଚି ସବୁକଥା ଶୁଣି ଏବଂ ସୁବର୍ଣ୍ଣ ମୁଦ୍ରିକା ଦେଖି ଆନନ୍ଦରେ ବିଭୋର ହୋଇଗଲେ । ସେ ସ୍ଥାନକୁ ମାଣିକ ନାମରେ 'ମାଣିକପାଟଣା' ବୋଲି ଘୋଷଣା କଲେ । କାଞ୍ଚିରାଜ୍ୟ ଅକ୍ଳେଶରେ କରାୟତ୍ତ ହେଲା । ଯୁଦ୍ଧ ଜୟ କରି ଗଜପତି କାଞ୍ଚି ଗଣପତିଙ୍କୁ ସାଥିରେ ନେଇ ଆସିଲେ ପୁରୀ । ଏବେ କାଞ୍ଚି ଗଣେଶ ପୂଜା ପାଉଛନ୍ତି ଶ୍ରୀମନ୍ଦିର ବେଢ଼ାରେ ।



ଗଜପତିଙ୍କ ନିର୍ଦ୍ଦେଶ ଥିଲା କାଞ୍ଚି ରାଜଜେମାଙ୍କୁ ବନ୍ଦୀକରି ଆଣି ଜଣେ ଚଣ୍ଡାଳ ହାତରେ ସମର୍ପି ଦେବାକୁ । ଚତୁର ମନ୍ତ୍ରୀ ରଥଯାତ୍ରା ସମୟରେ ଛେରାପହଁରା ସେବା କରୁଥିବା ଗଜପତିଙ୍କ ଗଳାରେ ରାଜଜେମାଙ୍କ ଦ୍ୱାରା ବରଣମାଳା ପକାଇ ସମସ୍ତଙ୍କର ପ୍ରଶଂସାର ପାତ୍ର ହୋଇଥିଲେ ।

● *ଶଂକର୍ଷଣ ମଂଗରାଜ (ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ) ମଙ୍ଗଳାଘାଟ ରୋଡ, ପୁରୀ-୧*

## ଜୁନ ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୩.୬.୨୧ ରିଖ ଗୁରୁବାର | ଶ୍ରୀମନ୍ଦିରରେ ଭଉଁରୀ |
| ତା. ୬.୬.୨୧ ରିଖ ରବିବାର | ଶ୍ରୀମନ୍ଦିରରେ ଜଳକ୍ରୀଡ଼ା ଏକାଦଶୀ |
| ତା. ୧୦.୬.୨୧ ରିଖ ଗୁରୁବାର | ଶ୍ରୀମନ୍ଦିରରେ ସାବିତ୍ରୀ ଅମାବାସ୍ୟା ଓ ଜଳକ୍ରୀଡ଼ା ନୀତି |
| ତା. ୧୫.୬.୨୧ ରିଖ ମଙ୍ଗଳବାର | ରଜ ସଂକ୍ରାନ୍ତି ଓ ଶିବ ବିବାହ |
| ତା. ୧୬.୬.୨୧ ରିଖ ବୁଧବାର | ଶ୍ରୀମନ୍ଦିରରେ ଶୀତଳଷଷ୍ଠୀ ଓ ଜଳକ୍ରୀଡ଼ା ନୀତି |
| ତା. ୨୦.୬.୨୧ ରିଖ ରବିବାର | ଶ୍ରୀମନ୍ଦିରରେ ରାଜେନ୍ଦ୍ରାଭିଷେକ |
| ତା. ୨୧.୬.୨୧ ରିଖ ସୋମବାର | ଶ୍ରୀମନ୍ଦିରରେ ରୁକ୍ମିଣୀହରଣ ଏକାଦଶୀ ବିବାହ ମହୋତ୍ସବ ଓ ଜଳକ୍ରୀଡ଼ା ନୀତି |
| ତା. ୨୨.୬.୨୧ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ଚମ୍ପକ ଦ୍ୱାଦଶୀ ଓ ଦଇତାପତି ପ୍ରବେଶ |
| ତା. ୨୩.୬.୨୧ ରିଖ ବୁଧବାର | ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଚତୁର୍ଥୀ ହୋମ, ସେନାପଟା ଲାଗି |
| ତା. ୨୪.୬.୨୧ ରିଖ ଗୁରୁବାର | ଶ୍ରୀମନ୍ଦିରରେ ସ୍ନାନଯାତ୍ରା, ଗଜାନନ ବେଶ, ଅନବସର ନୀତି ଆରମ୍ଭ |

ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ । *ଶ୍ରୀମନ୍ଦିର ପ୍ରଶାସନ, ପୁରୀ*

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**
**E-mail : Jagannath.or@nic.in * Web Site : www.shreejagannatha.in**
**Printed at : Rama Press, North Gate, Puri, Mob. : 94370-22145**
ମୂଲ୍ୟ : ଦୁଇଟଙ୍କା ମାତ୍ର